# ବ୍ଲକସ୍ତରୀୟ ବିଜ୍ଞାନ ମେଳା



ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ତରଫରୁ ପରିବେଶ ସୁରକ୍ଷା ନିମନ୍ତେ ଦୀର୍ଘସ୍ଥାୟୀ ଜୀବନଶୈଳୀ ନିମନ୍ତେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ହର ପ୍ରାସାଦ ହେପୃକା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ, ପ୍ରଧାପକ ମିଟସ କଲେଜ ଡ.ବିକାଶ କୁମାର ଦାଶ, ପ୍ରଧାପକ ମଡେଲ ଡିଗ୍ରୀ କଲେଜ ଡ. ରବି ନାରାୟଣ ପ୍ରଧାନ, ପ୍ରଧାପକ ଉଗ୍ରତାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡ. ଭବାନୀ ଶଙ୍କର ଦାଶ, ଏବିଇଓ ଛବିଲାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ପେଣ୍ଟା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଗୌଡ ଉଦ୍ଦ୍ୟେଶ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ଅମ୍ବିକା ସେଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରାୟଗଡ଼ା ବ୍ଲକର ସତର ଗୋଟି କ୍ଲଷ୍ଟରରୁ ଅଠତିରିଶି ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆସନ୍ତା ୨୭ ତାରିଖରେ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଏଗାର ଗୋଟି ବ୍ଲକର ଉତ୍କୃଷ୍ଟ ପ୍ରକଳ୍ପ ଅଂଶ ଗ୍ରହଣ କରିବେ ବୋଲି ଏଡିଇଓ ଭଜନ ଲାଲ ମାଝୀ ପ୍ରକାଶ କରିଛନ୍ତି। ଏହି ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦ୍ୱିତୀୟ ସ୍ଥାନ ପିଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ, ପେଣ୍ଟା ଏବଂ ତୃତୀୟ ସ୍ଥାନ ସାନ୍ତା ଶେଷଖାଲ ଅଧିକାରୀ ହାସଲ କରିଛନ୍ତି।

## ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟ ସଙ୍ଗୀତରେ ଦୁଲୁକିଲା ମଞ୍ଚ

ଗୁଣପୁର, ୨୪।୧(ସମିସ)



ଗଙ୍ଗା ଆରତୀରେ ଆରମ୍ଭ ହୋଇ କଟକ ସ୍ଥିତ ନୃତ୍ୟାମ୍ବିଦା ଗ୍ରୁପ୍‌ର ସୁନ୍ଦର ନୃତ୍ୟରେ ସରିଲା ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା। ମଝିରେ କୁନି କଳାକାର ରାଣୀଙ୍କ କଲିକତା ରୋସଗଲା, ଅଭିମନ୍ୟୁ ଓ ଆରେ ପରଦେଶୀଆ ସଙ୍ଗୀତରେ ମସଗୁଲ ହୋଇଥିଲେ ଦର୍ଶକ। ସଙ୍ଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସ୍ନେହାଶୃତି ପାଢିଙ୍କ ସଙ୍ଗୀତ ମଧ ମନଛୁଆଁ ଥିଲା। ରାୟଗଡ଼ାରୁ ଆସିଥିବା ପିଏମସି ନୃତ୍ୟତଳ ଓଡିଶୀ ନୃତ୍ୟ ଅତି ଆକର୍ଷଣୀୟ ଥିଲା। ବିଶେଷ କରି ମଞ୍ଚ ଉପରେ ଅଦ୍ୱେତ ବେଦାନ୍ତ ଆଶ୍ରମ ନଳିନୀ ମହାନ୍ତି, କାଳିଆ ମହାନ୍ତି, ଚନ୍ଦନ ବ୍ରହ୍ମଚାରୀ, ଯୋଗେଶ ମହାପାତ୍ର, ଗୋପାଳକୃଷ୍ଣ ମହାପାତ୍ର ପ୍ରମୁଖଙ୍କ ଦ୍ୱାରା ବଂଶଧାରା ନଦୀ କୂଳରେ ହେଉଥିବା ଏହି ଉତ୍ସବ ମଞ୍ଚ ଉପରେ ଗଙ୍ଗା ଆରତୀ ଦର୍ଶନ ପାଇଁ ଭିଡ ଜମିଥିଲା। ମଞ୍ଚରେ ଆଜି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୩୦ପ୍ରତିଯୋଗୀ ଭାଗ ନେଇଥିଲେ। ଜାତୀୟ ରେଫେରୀ ପଦ୍ମ ଚରଣ ପଣ୍ଡା ଓ ବିଟିବି ରାବଣା ମୁର୍ତ୍ତୀଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମାଟ୍ରିକ ବୋର୍ଡ ଆବାସିକ ପ୍ରସ୍ତୁତିର ସମୀକ୍ଷା କଲେ ଜିଲ୍ଲାପାଳ




ମାଲକାନଗିରି, ୨୪ ।୧(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଦଶମ ବୋର୍ଡ ୨୦୨୬ ପରୀକ୍ଷାରେ ଭଲ ଫଳାଫଳ ଆଣିବା ନିମନ୍ତେ ଚାଲିଥିବା ଆବାସିକ ପ୍ରସ୍ତୁତି କାର୍ଯ୍ୟକ୍ରମ ର ସମୀକ୍ଷା କରିଛନ୍ତି ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ। ମାଲକାନଗିରି ବ୍ଲକ ଏମ୍‌ଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଓ କାଲିମେଲା ବ୍ଲକ ସ୍ଥିତ ଉଚ୍ଚ ବିଦ୍ୟାଳୟ ଗସ୍ତ କରି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ। ଜାନୁଆରୀ ୧୯ରୁ ୨୪ ମଧ୍ୟରେ ଚାଲିଥିବା ଏହି କାର୍ଯକ୍ରମରେ ୪ଟି କେନ୍ଦ୍ରରେ ଜିଲ୍ଲାରୁ ୨୦୦ ଚୟନିତ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖି ସେମାନଙ୍କୁ ମାଗଣା ଖାଦ୍ୟ, ପଠନ ସାମଗ୍ରୀ, ଯୋଗ ଅଭ୍ୟାସ, ବିଷୟ ବିଶେଷଜ୍ଞ ଦ୍ୱାରା ସ୍ୱତନ୍ତ୍ର ଦୈନିକ ଅଭ୍ୟାସ ପରୀକ୍ଷା ତଦାରଖ କରି ସନ୍ତୋଷ ବ୍ୟକ୍ତ କରିଥିଲେ ଜିଲ୍ଲାପାଳ ସୁମେଶ କୁମାର ଉପାଧ୍ୟାୟ। ପୁନଶ୍ଚ ଏହି ପିଲାଙ୍କ ପାଇଁ ଦ୍ୱିତୀୟ ସପ୍ତାହ ଅଭ୍ୟାସର ଆୟୋଜନ କରିବାକୁ ସେ ଆଦେଶ ଦେଇଥିଲେ। ପିଲାଙ୍କ ସ୍ୱାସ୍ଥ୍ୟକୁ ବିଶେଷ ଧ୍ୟାନ ଦେବା ସହ ଶତ ପ୍ରତିଶତ ଉପସ୍ଥିତି କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ସମେତ କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଈଶ୍ୱର ରାଓ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ବେହେରା, ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନଙ୍କ ବିଭିନ୍ନ କେନ୍ଦ୍ର ଯଥା ମାଲକାନଗିରି, ବାଲିମେଲା ଆଦି ଗସ୍ତ ଜିଲ୍ଲାପାଳଙ୍କ ଜ୍ଞାତକୁ ଆଣିଥିଲେ। ଏଥିସହ ଖଇରପୁଟ ଓ ବାଲିମେଲାରେ ଅନ୍ୟ ୪ଟି ବ୍ଲକର ଚାୟନିତ ପିଲା ସ୍ୱତନ୍ତ୍ର ପ୍ରସ୍ତୁତି ନେବାର ବିଷୟ ବି ଅବଗତ କରାଇଥିଲେ।

# ବ୍ଲୁ ସ୍ପ୍ରିଙ୍ଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ



ଟିକିରି, ୨୪।୧(ସମିସ): ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ଼ର ସହଯୋଗୀ ସଂସ୍ଥା ବ୍ଲୁସ୍ପ୍ରିଙ୍ଗ ଏଣ୍ଟରପ୍ରାଇଜେସ ଲିମିଟେଡ଼ଙ୍କ ଦ୍ୱାରା ୩୭ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଟିକିରି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଂକ୍ଷିପ୍ତ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ଅତିଥିବୃନ୍ଦ ଭାବେ ଭିଷ୍ମଦେବ ସାହୁ (ସାଇଟ୍ ଇନ୍‌ଚାର୍ଜ), କାବ୍ୟଶୀଳ କାନୁନଗୋ (ମ୍ୟାନେଜର ଇନଷ୍ଟ୍ରୁମେଣ୍ଟ), ଦୀପକ ଜେନା (ମୁଖ୍ୟ ସୁରକ୍ଷା ଅଧିକାରୀ), ଆଲୋକ କୁମାର ପଟ୍ଟନାୟକ (ସୁରକ୍ଷା ଅଧିକାରୀ), ପ୍ରଦୀପ ପଟ୍ଟନାୟକ (ସୁରକ୍ଷା ଅଧିକାରୀ) ଏବଂ ତାପସ ରଞ୍ଜନ ରାଉତ (ସୁରକ୍ଷା ଅଧିକାରୀ) ଉପସ୍ଥିତ ଥିଲେ। ପୁଷ୍ପକେତୁ ସାହୁ, ପ୍ରଧାନ ଆଚାର୍ଯ୍ୟଙ୍କ ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ। ଏହି ଅବସରରେ ଦିଗନ୍ତ ସୁନିଲ ବିଷ୍ଣୁ ଚରଣ ଲିମା ଓ ପ୍ରଶାନ୍ତ ପ୍ରଧାନୀଙ୍କ ଦ୍ୱାରା ଚକୁଳିଆ ପଣ୍ଡା ରୂପେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଜନ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ସଡ଼କ ସୁରକ୍ଷାର ଗୁରୁତ୍ୱକୁ ସହଜ ଓ ଆନନ୍ଦମୟ ଭାବେ ଉପସ୍ଥାପନ କରିଥିଲା।

# ଫେବୃଆରୀ ୧ ରେ ମା' କୁଳବନ୍ଧୁ ଠାକୁରାଣୀ ଯାତ୍ରା



ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ମୁକୁନ୍ଦପୁର ନିକଟସ୍ଥ ମା' କୁଳବନ୍ଧ ଠାକୁରାଣୀ ଯାତ୍ରା ଆସନ୍ତା ଫେବୃଆରୀ ୧ ତାରିଖ ଦିନ ପାଇଁ ଅନୁଷ୍ଠିତ ହେବାକୁ ଯାଉଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ପ୍ରତିବର୍ଷ ଭଳି ଦୀର୍ଘ ଦୁଇ ବର୍ଷ ବ୍ୟବଧାନରେ ଚଳିତ ବର୍ଷ ମଧ ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ଏ ମଧ୍ୟରେ ଯାତ୍ରା ପାଳନ ନିମନ୍ତେ କମିଟି ପକ୍ଷରୁ ପ୍ରାକ ବୈଠକଗୁଡିକ ଅନୁଷ୍ଠିତ ହେଉଛି। ମା କୁଳବନ୍ଧ ଠାକୁରାଣୀଙ୍କ ଆଶୀର୍ବାଦ ତଥା ଦର୍ଶନ ଲାଭ କରିବା ପାଇଁ ରାୟଗଡ଼ା ଜିଲ୍ଲା ଓ ଜିଲ୍ଲା ବାହାରରୁ ବହୁ ସଂଖ୍ୟାରେ ଭକ୍ତଙ୍କ ପ୍ରବଳ ଭିଡ ହେବାର ସମ୍ଭାବନା ଥିବାରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ ଅନୁସାଙ୍ଗିକ ବ୍ୟବସ୍ଥା କରାଯିବ ବୋଲି କମିଟି ସୂଚନା ଦିଆଯାଇଛି।

# ଲେଡିଜ ୱାକର୍ସ କ୍ଲବର ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା




ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ା ଲେଡ଼ିଜ ୱାକର୍ସ କ୍ଲବ ପକ୍ଷରୁ ଆଜି ସ୍ଥାନୀୟ ଇନ୍ଦିରା ନଗର ସ୍ଥିତ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ, ବକ୍ତୃତା ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାକର୍ସ କ୍ଲବ ସଂଯୋଜକ ଟି. ଜୟରାମଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ଉପଦେଷ୍ଟା ସତ୍ୟବାଦୀ ପତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବ ସଭାପତି ଶ୍ରମିତା ପାଢ଼ୀ, ସମ୍ପାଦିକା ଅଞ୍ଜଳି ପଣ୍ଡା, କୋଷାଧକ୍ଷ ସୁଜାତା ପାଢ଼ୀଙ୍କ ସମେତ କ୍ଲବର ଅନ୍ୟ ସଦସ୍ୟାମାନେ ଉପସ୍ଥିତ ରହି ପ୍ରତିଯୋଗିତାଗୁଡ଼ିକୁ ସୁପରିଚାଳନା କରିବାରେ ସହଯୋଗ କରିଥିଲେ।

# ପିଏମ୍ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା



ଟିକିରି, ୨୪।୧(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଟିକିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଟିକିରି ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୪୪ତମ ବାର୍ଷିକ କ୍ରୀଡା ପ୍ରତିଯାଗେିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ବକୁଳାରାଣୀ ଦାସଙ୍କ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ରାଜେନ୍ଦ୍ର ମହାନ୍ତ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପବିତ୍ର ମୋହନ ନାୟକ ଯାଗେଦେଇ ପାଠପଢ଼ା ସହିତ କ୍ରୀଡା ଏବଂ କ୍ରୀଡା ମାଧ୍ୟମରେ ଶିକ୍ଷାର ବିକାଶ ହୋଇପାରିବ ବୋଲି ମନ୍ତବ୍ୟ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁରେଶ କିମାର ପାତ୍ର ଯୋଗଦେଇଥିଲେ। ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଦଳରେ ୧୬ ଟି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧାପକା, ଅଧାପିକା ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଓ ସମ୍ମାନନୀୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ରଞ୍ଜିତ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାସ୍ଥ୍ୟ ସେବା ଶିବିର

ସୁନାବେଡା, ୨୪।୧(ସମିସ): ସୁନାବେଡା -୩ ସ୍ଥିତ ଗଞ୍ଜାମ କଲୋନୀ ସ୍ଥିତ ଆମ୍ବେଦକର କ୍ଲବଠାରେ ସୁନାବେଡ଼ା ହଉସିଂବୋର୍ଡ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୦୦ ଜଣରୁ ଉର୍ଦ୍ଧ୍ୱ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅଣ ସଂକ୍ରାମକ ରୋଗ ଯଥା ଉଚ୍ଚ ରକ୍ତ ଚାପ, ମଧୁମେହ ଓ କର୍କଟ ଭଳି ବିଭିନ୍ନ ପ୍ରକାରର ରୋଗୀଙ୍କୁ ଚିକିତ୍ସା ସହ ସେମାନଙ୍କୁ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର ଅଭିଷେକ ରାଉତ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ଦେବଦର୍ଶିନୀ ସାହୁ, ନର୍ସ ତନୁପମ ପାତ୍ର, ସଙ୍ଗୀତ ସାବତ, କେଶବ ପଣ୍ଡା, ସେହପ୍ରଭା ସାହୁ, ରମେଶ ଜମାଗୁଡ଼ିଆ, ଆଶା ଦିଦି ପଦ୍ମିନୀ ହରିଜନ, ସରସ୍ୱତୀ ହରିଜନ, ରିନା ତୁରୁକ, ସରିତା ହେମତାଲ, ସନ୍ତଶିନି ଅମାଟ, ଜଞ୍ଜାମ କଲୋନୀ ଗ୍ରାମର ସଭାପତି ଚିତ୍ତରଞ୍ଜନ ଖୋସଲା, ମୋଇନ ଗଣ୍ଡ, ସୁଦ୍ଧା ହରିଜନ, ଅଞ୍ଜଳି ଖରା, ଅଙ୍ଗନବାଡ଼ି କର୍ମୀଙ୍କ ସମେତ ଅନେକ ଜନ ସାଧାରଣ ଉପସ୍ଥିତ ଥିଲେ। ୫ ନଂ ୱାର୍ଡର କାଉନସିଲର ମନୋଜ ସୁନା ଶିବିର ପରିଚାଳନାରେ ସହଯୋଗ କରିଥିଲେ।




# ମତଦାତା ଦିବସ ଉପଲକ୍ଷେ ସପଥ ପାଠ

ସେମିଳିଗୁଡା, ୨୪।୧(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ମତଦାତା ଦିବସ ଉପଲକ୍ଷେ ସପଥ ପାଠ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସୀ ସିଂହଙ୍କ ନେତୃତ୍ୱରେ ଏହି ସପଥ ପାଠ କରାଯାଇଥିଲା। ମତଦାନ କେବଳ ଏକ ସାମାଜିକ ଦାୟିତ୍ୱ ନୁହେଁ, ଏହା ଆମ ସାମ୍ବିଧାନିକ ଅଧିକାର ଓ ଗଣତନ୍ତ୍ରର ମୂଳଦୁଆ। ଯୁବପିଢ଼ି ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିବା ଜରୁରୀ ବୋଲି କାର୍ଯ୍ୟକ୍ରମରେ ଅଧକ୍ଷା ଝାନ୍ସୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅଧାପକ ଅଧାପିକାମାନଙ୍କ ମଧ୍ୟରେ ଡ. ବିଦ୍ୟୁତପ୍ରଭା ରାଉତ, ପ୍ରେମାନନ୍ଦ ରାଉତ, ସୁରେଶ ପାଇକରାୟ, ରୋନାଲି ନାୟକ, ହର ପ୍ରସାଦ ପତି, ସୁକାନ୍ତ କୁମାର ପ୍ରଧାନ ସର୍ବେଶ୍ୱର ପ୍ରଧାନ, ବିଶାଳ ନାୟକ, ସଙ୍ଗୀତ ପଣ୍ଡା, ମଧୁମିତା ମହାରଣା, ପୂର୍ଣ୍ଣିମା ଗିରି, କମଳିନୀ ବିଶୋଇ, ବିଜୟ ପାଙ୍ଗି, ଚନ୍ଦନ ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।



# ନେତାଜୀ ଜୟନ୍ତୀ ପାଳିତ

ପଦ୍ମପୁର, ୨୪।୧(ସମିସ)



ରାୟଗଡ଼ା ଜିଲ୍ଲା ପଦ୍ମପୁର ସ୍ଥିତ ନେତାଜୀ କ୍ଲବ୍‌ରେ ୧୨୯ ତମ ନେତାଜୀ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ପାଣଗ୍ରାହୀ, ଡ. ଅରୁଣ କୁମାର ମାନସିଂହ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଦିଲୀପ କୁମାର କର, ପଦ୍ମପୁର ଜଙ୍ଗଲ ଅଧିକାରୀ ରାଜୁ ଶବରଙ୍କ ସହ ନେତାଜୀ କ୍ଲବର ସଭାପତି ଶିବ ପ୍ରସାଦ ମହାରଣା ମଞ୍ଚରେ ଉପସ୍ଥିତ ଥିଲେ। ଆଇଦିଏଲ୍ ଅନୁଷ୍ଠାନର ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ନେତାଜୀଙ୍କ ଜୀବନୀ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱର୍ଣ୍ଣପ୍ରଭା ସାହୁଙ୍କୁ ପଦ୍ମପୁର ଜଙ୍ଗଲ ଅଧିକାରୀ ଶ୍ରୀ ଶବର ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଗନ୍ନାଥ ବେହେରାଙ୍କୁ ଅରୁଣ କୁମାର ମାନସିଂହ ପୁରସ୍କାର ପ୍ରଦାନ କରିଥିଲେ। ତୃତୀୟ ସ୍ଥାନ ଅଧିକାର କରିଥିବା ସମୀର ସାହୁଙ୍କୁ ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ପାଣିଗ୍ରାହୀ ପୁରସ୍କାର ପ୍ରଦାନ କରିଥିଲେ। ଶିଶୁବାଟିକାସ୍ତରର ପିଲା ଦୈନିକ ଖବର କାଗଜ ଅତି ସ୍ୱୋଷ୍ଟ ଭାବେ ପଢ଼ୁଥିବା ଚେତସ୍ୱିନି ଶବରଙ୍କୁ କ୍ଲବ୍‌ର ସଭାପତି ଶ୍ରୀ ମହାରଣା ପୁରସ୍କାର ପ୍ରଦାନ କରିଥିଲେ। ନେତାଜୀଙ୍କ ଜୀବନୀ ଉପରେ ମଞ୍ଚରେ ଭାଷଣ ଦେଇଥିବା ପଞ୍ଚମ ଶ୍ରେଣୀର ଛାତ୍ରୀ ବୃଷଭାନ୍ ଶବରଙ୍କୁ କାର୍ଯ୍ୟକ୍ରମର ଆବାହକ ନଚିକେତା ସାହୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କୃଷଚନ୍ଦ୍ର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ। ମଞ୍ଚରେ ତିରୁପତି ନିଶଙ୍କ, ଇନ୍ଦ୍ରପୁର ସମିତି ସଭ୍ୟ ଗୋଦାବରୀ ରାଉତ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡଗିରି, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ରାଧାଭାଇ ଗୋରାଚାନ୍ଦ ପାଣିଗ୍ରାହୀ, ସାମ୍ବାଦିକ ଜୟଦେବ ପାଣିଗ୍ରାହୀ, ଅବସର ପ୍ରାପ୍ତ ଗ୍ରାମସେବକ ଶ୍ୟାମସୁନ୍ଦର ପାଣିଗ୍ରାହୀ, ଚଗଲା ପଣ୍ଡା, ଦେବାଶିଷ ଦାସ, ରମେଶ ସାହୁ, ତ୍ରିନାଥ ଶବର, ବାବୁଲା ବିବାର, ଜଗନ୍ନାଥ ପାଣିଗ୍ରାହୀ, ଚନ୍ଦନ ମହାପାତ୍ର, ରାମକୃଷ୍ଣ ସାମନ୍ତରାୟ, ବାଙ୍କ ପ୍ରଧାନ, ପ୍ରଶାନ୍ତ ଦାସ, କିଶୋର, ଆଖିଲ, ସନ୍ଦୀପ, ଶିବ ଦାସ, ସନ୍ତୋଷ ମିଶ୍ର, ସୁଜିତ୍ ମହାକୁଡ଼, ସାରଙ୍ଗ ସାହୁ, ପ୍ରଦିପ, ମୁରଲୀ, ଦେବରାଜ, ଅଭିଲାଷ ପିରିପାକା, ରାଜା, ଅନନ୍ତଙ୍କ ସମେତ ଅନେକ ଉପସ୍ଥିତ ଥିଲେ।

# ଉତ୍ତମ ମଲିକ ଗ୍ରୁପ ଅଫ୍ ଅନୁଷ୍ଠାନର ମାଗଣା ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି, ୨୪ ।୧(ସମିସ): ଆଜି ମାଲକାନଗିରି ଜିଲ୍ଲାସଦର ମହକୁମାଠାରେ ଅନୁଷ୍ଠିତ ଉତ୍ତମ ମଲିକ ଗ୍ରୁପ ଅଫ୍ ଅନୁଷ୍ଠାନରେ ମଗଣା ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୟୱାଡ଼ା ସ୍ଥିତ ଓମେଗା ଅନୁ ମେଡିକାଲ୍ ଅନୁବନ୍ଧିତରେ ଅନୁଷ୍ଠିତ ଏହି ଶିବିରରେ ୫ ଜଣିଆ ମେଡିକାଲ୍ ଟିମ୍ ଉପସ୍ଥିତ ବ୍ୟକ୍ତିଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଥମେ କଲେଜ୍ ପ୍ରାଙ୍ଗଣ ମଧ୍ୟରେ ମୁଖ୍ୟଅତିଥି ଜିଲ୍ଲା ବଙ୍ଗାଳୀ ସମାଜର ସଭାପତି ଶ୍ରିଯୁକ୍ତ ଗୌରାଙ୍ଗ କର୍ମକାର, ଜିଲ୍ଲା ଆଦିବାସୀ ମହାସଂଘର ଉପଦେଷ୍ଟା ଘନଶ୍ୟାମ ମାଡକାମୀ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଜୟୱାଡା ସ୍ଥିତ ଓମେଗା ଅନୁ ମେଡିକାଲରୁ ଆସିଥିବା ୫ଜଣିଆ ମେଡିକାଲ୍ ଟିମ୍‌ମଧ୍ୟରେ ଡା. ଶେଖ୍ ମସ୍ତାନ (କାର୍ଡିଓଲଜୀ), ଡା. ଏନ୍ ରାମାରାଓ (ଓର୍ଥୋପେଡ଼ିକ), ଡା. ଏସ ସରିତା (ନେପ୍ରୋଲଜୀ), ଡା. ଆଦିତ୍ୟ ନାଦେଲା (ଓଙ୍କୋଲୋଜୀ) ଓ ଅନ୍ୟାନ୍ୟ ଡାକ୍ତର ସହଯୋଗରେ କାର୍ଯ୍ୟକ୍ରମଟି ଆରମ୍ଭ ହୋଇଥିଲା। ଜିଲ୍ଲାରୁ ପ୍ରାୟ ୮୦୦ରୁ ଅଧିକ ଲୋକ ଆସି ନିଜର ସ୍ୱାସ୍ଥ୍ୟଗତ ପରୀକ୍ଷା କରାଇଥିଲେ। ବ୍ଲଡ ପ୍ରେସର, ସୁଗାର, ଓଜନ ସହ ବାର୍ଦ୍ଧ୍ୟକ ଜନିତ ରୋଗୀଙ୍କ ସଂଖ୍ୟା ଅଧିକା ଦେଖିବାକୁ ମିଳିଥିଲା। କଲେଜ କର୍ତୃପକ୍ଷ ଡ. ଶିବ ନାରାୟଣ ପାତ୍ର ମାଲକାନଗିରି ଜିଲ୍ଲାର ସମସ୍ତ ବାସିନ୍ଦାଙ୍କ ସ୍ୱାସ୍ଥ୍ୟଗତ ଅସୁବିଧାକୁ ନେଇ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜଣାଇଛନ୍ତି। ଏଥିରେ ଉତ୍ତମ ମଲିକ ଗ୍ରୁପ ଅଫ ଅନୁଷ୍ଠାନର ସଭାପତି ଦିଲ୍ଲୀପ ଦାସ, ଉପସଭାପତି ଶଙ୍କର ପାଲ୍ଲି, ସଦସ୍ୟ କିଶୋର କୁମାର, ଆକାଶ ମିସ୍ତ୍ରୀ, ଶରତ ହିଆଲ, ବନିତା ବର୍ମନ, ନିକିତା ଗଣ୍ଡ, ସୁଚିସ୍ମିତା ପାଢ଼ୀ, ରାଜୁ ସରକାର, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜୟପୁର ବନଖଣ୍ଡ ସରିଲା ପକ୍ଷୀଗଣନା

# ୬ ରେଞ୍ଜରେ ୫୫ ପ୍ରଜାତିର ୭୬୯୧ ପକ୍ଷୀ ଚିହ୍ନଟ

ଜୟପୁର, ୨୪ ।୧(ସମିସ)





କୋରାପୁଟ ଜିଲ୍ଲା ଜୟପୁର ବନଖଣ୍ଡରେ ଚଳିତ ବର୍ଷ ପକ୍ଷୀ ଗଣନା ଶେଷ ହୋଇଛି । ଏହାର ଅଧିନରେ ରହିଥିବା ୬ଟି ରେଞ୍ଜରେ ୫୫ ପ୍ରଜାତିର ୭୬୯୧ ଟି ପକ୍ଷୀ ଚିହ୍ନଟ କରାଯାଇଛି । ଜୟପୁର ବନବିଭାଗ ଅଧିନରେ ରହିଥିବା ୨୭ଟି ଜଳାଶୟରେ ଏହି ଗଣତି ବେଳେ ସର୍ବାଧିକ କୋଟପାଡ ରେଞ୍ଜରେ ୨୧ଟି ପ୍ରଜାତିର ୨୯୦୪ ଟି ପକ୍ଷୀ ଠାବ କରାଯାଇଛି । ସେହିପରି ଗୁପ୍ତେଶ୍ୱର ରେଞ୍ଜରେ ସର୍ବନିମ୍ନ ୬ଟି ପ୍ରଜାତିର ୧୬୯ଟି ପକ୍ଷୀ ଠାବ କରାଯାଇଛି । ବୈପରୀଗୁଡା ରେଞ୍ଜରେ ୫୦୫ଟି, କୁନ୍ଦୁରା ରେଞ୍ଜରେ ୯୫୮ଟି, ଜୟପୁର ରେଞ୍ଜରେ ୧୫୭୨ଟି, ବୋରିଗୁମ୍ମା ରେଞ୍ଜରେ ୧୬୦୮ଟି ପକ୍ଷୀ ଠାବ କରାଯାଇଛି । ଏହି ପକ୍ଷୀମାନେ ସମସ୍ତେ ଦେଶୀ ପକ୍ଷୀ ହୋଇଥିବା ବେଳେ ଅନ୍ୟାନ୍ୟ ସମୟରେ ଆଖପାଖ ଅଞ୍ଚଳରେ ରହିଥାଆନ୍ତି । କିନ୍ତୁ ଗତ ୨୦୨୩-୨୪ ମସିହାରେ ପ୍ରାୟ ୭ ହଜାର ୯ ଶହ ପକ୍ଷୀ ଚିହ୍ନଟ ହୋଇଥିବା ବେଳେ ଗତବର୍ଷ ୨୦୨୪-୨୫ ମସିହାରେ ହ୍ରାସ ପାଇ ପକ୍ଷୀ ସଂଖ୍ୟା ୭୭୮୪ ରହିଥିଲା । ଏଥିରେ ୪୫ ପ୍ରଜାତିରେ ପକ୍ଷୀ ରହିଥିଲେ । ପୁଣି ଚଳିତବର୍ଷ ପକ୍ଷୀ ସଂଖ୍ୟା କମି ୭୬୯୧ ରହିଛି । ତେବେ ପ୍ରଜାତି ସଂଖ୍ୟା ୫୫କୁ ବୃଦ୍ଧି ପାଇଛି । ଚଳତ ବର୍ଷ ହସଂରାଣୀ ପକ୍ଷୀର ସଂଖ୍ୟା ୧୪୦୦ ରହିଥିବା ବେଳେ ଧଳାଗେଣ୍ଡି ୧୫୦, ସ୍ଥାନୀୟ ଜୁଇ କଇଁମ ସଂଖ୍ୟା ୧୬୧ ରହିଛି । ଚଳିତବର୍ଷ ଜୟପୁର ସହରର ଐତିହାସିକ ଜଳାଶୟ ଜଗନ୍ନାଥ ସାଗର ସଫେଇ ହୋଇଥିବା ଯୋଗୁଁ ସେମାନଙ୍କ ଖାଦ୍ୟ କମିଥିବାରୁ ଅନେକ ପକ୍ଷୀ ନିକଟସ୍ଥ ଜୟପୁର ରେଞ୍ଜର ବାଲିଆ ନିକଟସ୍ଥ ଜଳାଶୟକୁ ଅଧିକ ସଂଖ୍ୟାରେ ଯାଇଥିବା

**ପ୍ରଜାତି ବୃଦ୍ଧି ପାଇଛି, ପକ୍ଷୀ ସଂଖ୍ୟା କମିଛି**

ଦେଖିବାକୁ ମିଳିଥିଲା । ଜୟପୁର ଡିଏଫଓ ଦାୟିତ୍ୱରେ ରହିଥିବା ଶୁଭେନ୍ଦୁ ପ୍ରସାଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏସିଏଫଓ ଡ. ଅମିତ ପ୍ରକାଶ ନାୟକଙ୍କ ନେତୃତ୍ୱରେ ୬ଟି ରେଞ୍ଜର ଅଧିକାରୀ, ଫରେଷ୍ଟର, ବନ ରକ୍ଷକ ଏବଂ ଅସ୍ଥାୟୀ କର୍ମଚାରୀଙ୍କ ସହାୟତାରେ ଏହି ପକ୍ଷୀଗଣନା କାର୍ଯ୍ୟ ହୋଇଥିଲା ।

## ପ୍ରାଥମିକ ମେଧାବୃତ୍ତି ପାଇଲେ ଚନ୍ଦନ କୁମ୍ଭୁରୁକା



ବିଷମକଟକ, ୨୪।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ବାରୀଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପଞ୍ଚମ ଶ୍ରେଣୀର ଛାତ୍ର ଚନ୍ଦନ କୁମ୍ଭୁରୁକା ପ୍ରାଥମିକ ମେଧା ବୃତ୍ତି ପାଇଛନ୍ତି । ସାହାଡା ପଞ୍ଚାୟତର ଗୋଗନମତି ଗ୍ରାମର ଗୋପୀନାଥ କୁମ୍ଭୁରୁକାଙ୍କ ପୁଅ ହେଉଛନ୍ତି ଚନ୍ଦନ କୁମ୍ଭୁରୁକା । ସେ ବାରୀଗୁଡା ସେବାଶ୍ରମରେ ରହି ପାଠ ପଢୁଥିଲେ । ଚନ୍ଦନଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟ ଓ ପରିବାର ତରଫରୁ ତାଙ୍କୁ ଅଭିନନ୍ଦନ ଜଣାଯିବା ସହ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି ।

## ଗାଁ ମୁହାଁ ଭାଲୁ; ଲୋକେ ଆତଙ୍କିତ



କୋରାପୁଟ, ୨୪।୧(ସମିସ): ବୋରିଗୁମ୍ମା ବ୍ଲକ ପୋଡ଼ାପଦର ଗାଁ ମୁହାଁ ହୋଇଛନ୍ତି ଭାଲୁ । ଗାଁରେ ତିନୋଟି ଭାଲୁ ବୁଲୁଥିବାର ଭିଡିଓ ଭାଇରାଲ ହେବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି । ଦିନ ବେଳା ନିକଟସ୍ଥ ଜଙ୍ଗଲରେ ରହି ସନ୍ଧ୍ୟା ହେଲେ ପୋଡ଼ାପଦର ମୁଖ୍ୟରାସ୍ତା ଉପରେ ୩ ଟି ଭାଲୁ ବୁଲୁଥିବା ଦେଖିବାକୁ ମିଳିଛି । ଜଙ୍ଗଲରୁ ଆବଶ୍ୟକ ମୁତାବକ ଖାଦ୍ୟ ନପାଇବା ଯୋଗୁଁ ସେମାନେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି । କିଛି ଦିନ ପୂର୍ବରୁ ବିସିଂପୁର ଅଞ୍ଚଳରେ ଭାଲୁ ଆତଙ୍କ ଦେଖା ଦେଇଥିଲା । ଭାଲୁ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ପୁଣି ଭାଲୁ ଗୁଡ଼ିକ ପୋଡାପଦର ମୁଖ୍ୟରାସ୍ତା ଏବଂ ମନ୍ଦିର ନିକଟରେ ବୁଲୁଥିବାରୁ ଲୋକେ ସଞ୍ଜ ହେଲେ ଘରୁ ବାହାରକୁ ଯିବା ପାଇଁ ଭୟ କରୁଛନ୍ତି । ବନ ବିଭାଗ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା, ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ

ଦାମନଯୋଡ଼ି, ୨୪।୧(ସମିସ): ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ବାଗଦେବୀ ମା'ସରସ୍ୱତୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ନାଲକୋ ଟାଉନ୍‌ସିପ, ଭେଜାପୁଟ, ମାଥାଲପୁଟ ଓ ଆଖପାଖ ଅଞ୍ଚଳର ସ୍କୁଲମାନଙ୍କରେ ଛାତ୍ରଛାତ୍ରୀ ଜ୍ଞାନଦାତ୍ରୀ ମା'ସରସ୍ୱତୀଙ୍କ ପୂଜା କରିଥିଲେ । ସେକ୍ଟର ୧ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ମା'ଙ୍କ ମନ୍ଦିରରେ ସକାଳ ଠାରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖାଯାଇଥିଲା । ସେହିପରି ସରସ୍ୱତୀ ବିହାର ପୂଜା ମଣ୍ଡପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିଥିଲେ । ସେକ୍ଟର ୨ ମଣ୍ଡପରେ ନେତାଜୀ ପାଠାଗାର ପକ୍ଷରୁ ମା'ବାଗଦେବୀଙ୍କ ପୂଜା ହୋଇଥିଲା । ମାଥାଲପୁଟ ଶ୍ରୀ ରାଧାକୃଷ୍ଣଙ୍କ ମନ୍ଦିର ପରିସରରେ ଥିବା ମା'ସରସ୍ୱତୀଙ୍କ ମନ୍ଦିର, ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟା ମନ୍ଦିର ଓ ଦିଲ୍ଲୀ ପବ୍ଲିକ ସ୍କୁଲ, ମାଥାଲପୁଟ ମାଲୁ ସାଉନ୍ତା ସରକାରୀ ହାଇସ୍କୁଲ, ଆଲୁମିନା ବାଳିକା ହାଇସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସହିତ ଅନ୍ୟ ବିଦ୍ୟାଳୟମାନଙ୍କରେ ମଧ ପୂଜା ଅନୁଷ୍ଠିତ ହୋଇଥିଲା । ବହୁ ଅଭିଭାବକ ମା'ଙ୍କ ନିକଟରେ ନିଜ ପିଲାଙ୍କ ପ୍ରଥମ ଖଡ଼ିଛୁଆଁ କରିଥିବା ଦେଖାଯାଇଥିଲା । ବିଭିନ୍ନ ସ୍ଥାନରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଦାମନଯୋଡିର ବିଭିନ୍ନ ଅନୁଷ୍ଠାନ ତରଫରୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ମାଥାଲପୁଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମା' ସରସ୍ୱତୀ ପୂଜନୋତ୍ସବର ଅବ୍ୟବହିତ ପୂର୍ବରୁ ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ବିଷୋୟୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବରିଷ୍ଠ ଶିକ୍ଷକ ଅମୂଲ୍ୟ କୁମାର ସାହୁ ମୁଖ୍ୟଅତିଥି ଓ ଡଃ ଅଶୋକ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗଦେଇ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ମହାନ୍ତିଙ୍କ ବଳିଦାନର ଇତିହାସ ଉପସ୍ଥାପନ କରିଥିଲେ । ସେହିପରି ସନ୍ଧ୍ୟାରେ ନାଲକୋ କମ୍ୟୁନିଟି ସେଣ୍ଟରଠାରେ ଯୁବନେତା କିରଣ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜୟନ୍ତୀ ସମାରୋହରେ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନର କର୍ମକର୍ତ୍ତା ଧନେଶ୍ୱର ମହାପାତ୍ର, ଅମୂଲ୍ୟ କୁମାର ସାହୁ, ଡଃ ଅଶୋକ କୁମାର ମହାନ୍ତି, ଅକ୍ଷୟ କୁମାର ଜେନା, ଶିବଶକ୍ତି ପାଣ୍ଡେ, ଦୁର୍ଯ୍ୟୋଧନ ରାଓ, ଦୀନବନ୍ଧୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କିରଣ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ସୁନାବେଡା:** ଉତ୍କଳ ସାଂସ୍କୃତିକ ପରିଷଦରେ ସକାଳେ ସରସ୍ୱତୀ ପୂଜା ଏବଂ ସଂଧ୍ୟାରେ ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ କରାଯାଇଛି । ପରିଷଦର ସଭାପତି ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକା ଡଃ ବିଦ୍ୟୁତ



ପ୍ରଭା ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତର ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହ ଓଡ଼ିଆ ସାହିତ୍ୟକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଅବଦାନ ସମ୍ପର୍କରେ ମଧ ଆଲୋକପାତ କରିଥିଲେ । ଏହି ଅବସରରେ ନାଟ୍ୟଶ୍ରୀ ସୁଦାମ ବିଷୋୟୀଙ୍କ ଦ୍ୱାରା ଅନୁବାଦିତ ଉପନ୍ୟାସ 'ବୈରାଗୀ' ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା । କାର୍ଯ୍ୟକ୍ରମରେ ପରିଷଦର କର୍ମକର୍ତ୍ତା ରମାକାନ୍ତ କଳିଆ, ପ୍ରଶାନ୍ତ ସ୍ୱାଇଁ, ଶ୍ରୀକୁମାର ବେହେରା, କାର୍ଯ୍ୟକାରୀ ସଦସ୍ୟ ସଂଗ୍ରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଇକ ଧକ୍କାରେ କଲେଜ ଛାତ୍ର ମୃତ



କୋଷାଗୁମୁଡା, ୨୪।୧(ସମିସ): ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ରାଜ୍ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଚାଲିଥିବା ସମୟରେ କଲେଜ ସମ୍ମୁଖ ରାଜରାସ୍ତାରେ ଏକ ବାଇକ ଧକ୍କାରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ତଥା କଲେଜ ଛାତ୍ର ଗୋବିନ୍ଦ ନାୟକଙ୍କ ମୃତ୍ୟୁ ହୋଇଛି । ସେ କୋଡିଙ୍ଗା ପଞ୍ଚାୟତର ରତାଖଣ୍ଡି ଗାଁର ପ୍ରଥମ ବର୍ଷର ଛାତ୍ର ଥିଲେ । ଶୁକ୍ରବାର ସନ୍ଧ୍ୟାରେ ସେ ବିଦ୍ୟାଳୟ ଗେଟ୍ ପାଖକୁ ଯାଉଥିବା ସମୟରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ତୁରନ୍ତ ତାଙ୍କୁ ଉପସ୍ଥିତ ସ୍ୱେଚ୍ଛାସେବୀ ସ୍ଥାନୀୟ କୋଡ଼ିଙ୍ଗା ଡାକ୍ତରଖାନା ଓ ପରେ ନବରଙ୍ଗପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ସ୍ୱେଚ୍ଛାସେବୀ ଗୋବିନ୍ଦ ନାୟକଙ୍କ ଅକାଳ ବିୟୋଗରେ ଅଧ୍ୟକ୍ଷା ଅମିତା ରାୟ, ଜାତୀୟ ସେବା ଯୋଜନା ଅଧିକାରୀ ପଞ୍ଚାନନ ଦୂରିଆଙ୍କ ସହ ସମସ୍ତ ଅଧ୍ୟାପକ, କର୍ମଚାରୀ, ସ୍ୱେଚ୍ଛାସେବୀ ଶୋକ ବ୍ୟକ୍ତ କରିବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମସ୍ତେ ସମବେଦନା ଜଣାଇଛନ୍ତି । ମୃତ ଛାତ୍ରଙ୍କ ପରିବାରକୁ ସରକାରୀ ସହାୟତା ସହ ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କୁ ଗିରଫ କରିବାକୁ ସାଧାରଣରେ ଦାବି ହୋଇଛି ।

## ମାଟ୍ରିକ୍ ସ୍କୁଲ ଟପ୍ପରଙ୍କୁ ଆର୍ଥିକ ସହାୟତା ପ୍ରଦାନ

କୋରାପୁଟ, ୨୪।୧(ସମିସ): କୋରାପୁଟ ବ୍ଲକ ଡୁମୁରିପୁଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ନିଘମାନିଗୁଡ଼ାର ମାଟ୍ରିକ ସ୍କୁଲ ଟପ୍ପର କାହ୍ନା ଗୁଣ୍ଟାଙ୍କୁ କୋରାପୁଟ ବିଧାୟକ ରଘୁରାମ ମାଛ ସମ୍ବର୍ଦ୍ଧିତ କରିବା ସହ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଡୁମୁରିପୁଟ ବୀର ସୁରେନ୍ଦ୍ର ସାଏ



ପାଠାଗାରର ବାର୍ଷିକ ଉତ୍ସବରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କାହ୍ନା ଗୁଣ୍ଟାକୁ ପାଠାଗାର ପକ୍ଷରୁ ସମ୍ମାନିତ କରିବା ସହ ବ୍ୟକ୍ତିଗତ ଭାବେ ସେ କାହ୍ନା ଗୁଣ୍ଟାକୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରି ଭବିଷ୍ୟତରେ ପୁଣି ସହାୟତା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷରେ ପାଠାଗାରର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତିରୁମଲେଶ୍ୱର ଚୌଧୁରୀ ତାଙ୍କର ପରଲୋକ ଗତ କନିଷ୍ଠ ପୁତ୍ର ବୁଲୁ ଚୌଧୁରୀଙ୍କ ସ୍ମୃତିରେ ୧ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ ।

## ଜାତୀୟ ସେବା ଯୋଜନାର ୭ ଦିନିଆ ଶିବିର ଉଦ୍‌ଘାଟିତ



ମାଥିଲି, ୨୪ ।୧(ସମିସ): ଜାତୀୟ ସେବା ଯୋଜନାର ସାତ ଦିନିଆ ଶିବିର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍‌ସଦର ମହକୁମାଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ଭଦ୍ରଙ୍କ ନେତୃତ୍ୱରେ ବିଦ୍ୟାଳୟର ସଭାଗୃହଠାରେ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବରେ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ୍. ପ୍ରମୋଦ କୁମାର ବେହେରା, ମୁଖ୍ୟ ବକ୍ତା ଭାବରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରତନ ରାଏ, ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ଗ୍ରାମୀଣ ଗୃହ ନିର୍ମାଣ ବ୍ଲକ ପ୍ରକଳ୍ପ ସଂଯୋଜକ ଭଗବାନ ପାତ୍ର, ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ଅଧ୍ୟାପକ ନବୀନ କୁମାର ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀମାନେ କିପରି ପାଠ ପଢ଼ିବା ସହିତ ସମାଜସେବା ଉପରେ ଆଗ୍ରହ ଦେଖାଇ ପାରିବେ ବୋଲି ଆଲୋଚନା କରିଥିଲେ । ଏହି ଶିବିର ଆଜି ଠାରୁ ଆରମ୍ଭ ହୋଇ ଦୀର୍ଘ ସାତ ଦିନ ଧରି ଚାଲିବ । ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଶିବିର ଚାଲୁ ରହିବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଡ. ଭଦ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ବିକଶିତ ଭାରତ-ଜି ରାମ-ଜି ସଚେତନତା କାର୍ଯ୍ୟକ୍ରମ




ମାଥିଲି, ୨୪ ।୧(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ ନୂଆଗୁଡାଠାରେ ମାଥିଲି ବ୍ଲକ ପ୍ରଶାସନ ପକ୍ଷରୁ ବିକଶିତ ଭାରତ-ଜି ରାମ-ଜି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଲୋକସଭା ସାଂସଦ ଇ.ବଳଭଦ୍ର ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା, ପୂର୍ବତନ ବିଧାୟକ ଡମ୍ବରୁ ସୀସା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରା, ଜିଲ୍ଲା ବିଜେପି ସଭାପତି ଅଶୋକ କୁମାର ପରିଡ଼ା, ଚେଡେଙ୍ଗା ସରପଞ୍ଚ ସୁକସିନି ମାଛ, ଚେଡେଙ୍ଗା ସମିତି ସଭ୍ୟ ଡମ୍ବରୁଧର ପେର୍ମା, ମାଥିଲି ବ୍ଲକ ଏପିଓ ଲିଙ୍ଗରାଜ କରକରିଆ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରତନ ରାୟ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ, ସିଡିପିଓ ମିନତୀ ବେହେରା, ନିର୍ବାହୀଯନ୍ତ୍ରୀ ବିଶ୍ୱନାଥ ପାତ୍ର ଯୋଗ ଦେଇଥିଲେ । ଗ୍ରାମାଞ୍ଚଳରେ ବର୍ଷକୁ ୧୨୫ ଦିନ ରୋଜଗାର ଗ୍ୟାରେଣ୍ଟି ରହିଥିବା ବେଳେ ପୂର୍ବାପେକ୍ଷା ଏହା ଆଦୃତ ହେବ ବୋଲି କୁହାଯାଇଛି । ମୁଖ୍ୟତଃ ଏହା ଗ୍ରାମାଞ୍ଚଳରେ ଦାଦନ ଶ୍ରମିକ ରୋକିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟ ଅତିଥି ସାଂସଦ ଇ.ମାଝୀ କହିଥିଲେ । ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ ଦ୍ରବ୍ୟ ଅପଣେଇବା ନେଇ ସମସ୍ତେ ଏକ ଶପଥ ପାଠ କରିଥିଲେ । ଉପସ୍ଥିତ ଥିବା ଲୋକେ ସାଂସଦ ଶ୍ରୀ ମାଝୀଙ୍କୁ ନିଜ ନିଜର ଅଭିଯୋଗ ଜଣାଇବା ସହ ଲିଖିତ ଭାବେ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାମଲ ମଞ୍ଚ ପରିଚାଳନା କରିଥିଲେ ।

## ସୁନାବେଡ଼ା ମହିଳା ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ

ସୁନାବେଡ଼ା, ୨୪।୧(ସମିସ): ସୁନାବେଡ଼ା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟର ମିଟିଂ ହଲରେ ପାଳିତ ହୋଇଯାଇଛି । ଏହି ଅବସରରେ କୁନ୍ଦ୍ରା ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ରୀତାରାଣୀ କରନ ମୁଖ୍ୟଅତିଥି



ଭାବେ ଯୋଗ ଦେଇ ନିଜର ସାର ଗର୍ଭକ ଅଭିଭାଷଣ ସହିତ ସ୍ୱରଚିତ କବିତାଟି ପାଠ କରିଥିଲେ । ଅଧ୍ୟାପିକା ଅଙ୍କୁରୀତା ନାୟକ ଓ ନିର୍ଝରିଣୀ ବିଶ୍ୱାଳ ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ । ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ପୁଷ୍ପ ଗୁଚ୍ଛ ପ୍ରଦାନ ଓ ପ୍ରାରମ୍ଭିକ କଣ୍ଠ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ପୌରୋହିତ୍ୟ କରିଥିଲେ । ମୁଖ୍ୟବକ୍ତା ଅଧ୍ୟାପକ ମନୋରଞ୍ଜନ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସନ୍ତୋଷ କୁମାର ସାମଲ ଉପସ୍ଥିତ ଥିଲେ । ଏ ବର୍ଷର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିବା କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟପିକା ଖାଲିଦା ସୁଲତାନା କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶ ଗ୍ରହଣ କରିଥିବା ବେଳେ ଅଧ୍ୟାପକ କିଶୋର ଚନ୍ଦ ସାହୁ, ଦେବଦତ୍ତ ମହାନ୍ତି, ଅଧ୍ୟାପିକା ଲକ୍ଷ୍ମୀ ପ୍ରିୟା ଶ୍ରୀଚନ୍ଦନ, ରୋଜାଲିନୀ ଦାଶ, ପ୍ରାଚୀ ପରାଜିତା ପଣ୍ଡା, ସୁଚିତ୍ରା ପାତ୍ର ଏବଂ ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ମଧ୍ୟାହ୍ନ ଭୋଜନ ପରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କ୍ରୀଡ଼ା ଶିକ୍ଷୟିତ୍ରୀ ନିର୍ଝରଣୀ ବିଶ୍ୱାଳ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

## ଭାରତମାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ସେମିଲିଗୁଡା, ୨୪।୧(ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ସହରରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ଭାବେ ଗଢି ଉଠିଥିବା ଭାରତ ମାତାଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ ଏବଂ କମ୍ପୁଟର ଗୃହକୁ କୋରାପୁଟ ବିଧାୟକ ରଘୁରାମ ମାଛ ଶନିବାର ଉଦ୍‌ଘାଟନ କରିଛନ୍ତି । ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ରଘୁରାମ ମାଛ ଯୋଗ ଦେଇଥିଲେ । ଗୁଣାତ୍ମକ ବିକାଶ ପାଇଁ ପ୍ରୟାସ ଜାରି ରଖିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର, ବିଜେପି ବରିଷ୍ଠ ନେତା ସୁମନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରକାଶ ପାତ୍ରଙ୍କ ଇଚ୍ଛାଶକ୍ତିରେ ଆଜି ବିଦ୍ୟାମନ୍ଦିର ସଫଳତା ହାସଲ କରିପାରିଛି ବୋଲି ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ବେହେରା କହିଥିଲେ । ଭାରତ ମାତାଙ୍କ ପ୍ରତିମୂର୍ତ୍ତ ଉନ୍ମୋଚନ ଏବଂ କମ୍ପୁଟର ଗୃହ ଉଦ୍‌ଘାଟନ ପରେ ପିଲାମାନଙ୍କୁ ବୁଦ୍ଧି ପୁରସ୍କାର ବିତରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଗୁରୁଜୀ ଓ ଗୁରୁମା ଉପସ୍ଥିତ ଥିଲେ ।

## ଖେଳିବା ବେଳେ ପାଣି ଭର୍ତ୍ତି ବାଲ୍ଟିରେ ପଡ଼ି ଶିଶୁ କନ୍ୟା ମୃତ

କୋଷାଗୁମୁଡା, ୨୪।୧(ସମିସ): ଖେଳିବା ବେଳେ ପାଣି ଭର୍ତ୍ତି ବାଲ୍ଟିରେ ପଡ଼ି ୨ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ହୋଇଛି । ଏଭଳି ଘଟଣା କୋଷାଗୁମୁଡା ଥାନା ଅନ୍ତର୍ଗତ ନେଙ୍ଗନାଲ ଗ୍ରାମରେ ଘଟିଛି । ମୃତ ଶିଶୁକନ୍ୟା ହେଲେ ଗଣପତି ଭତ୍ରାଙ୍କ ଝିଅ ମେନକା ଭତ୍ରା(୨) । ଶୁକ୍ରବାର ଦିନ ୧୧ଟା ସମୟରେ ଝିଅ ଖେଳିବା ସମୟରେ ଏକ ପାଣି ବାଲ୍ଟିରେ ପଡ଼ିଯାଇଥିଲା । ଫଳରେ ଶିଶୁ କନ୍ୟାର ମୃତ୍ୟୁ ହୋଇଥିଲା । ଏନେଇ ମୃତ ଶିଶୁ କନ୍ୟାର ବାପା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ନେଇ ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ପର୍ଶୁରାମ ଛତ୍ରିଆ ଘଟଣା ସ୍ଥଳରେ ପହଞ୍ଚି ଶିଶୁ କନ୍ୟାର ଶବକୁ କୋଷାଗୁମୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି । ଏନେଇ କୋଷାଗୁମୁଡା ଥାନାରେ ଏକ ଅପମୃତ୍ୟୁ ମାମଲା(୪/୨୬) ରୁଜୁ ହୋଇଥିବା ଥାନା ଏଏସଆଇ ଶ୍ରୀ ଛତ୍ରିଆ ସୂଚନା ଦେଇଛନ୍ତି ।

## ୱାକର୍ସ କ୍ଲବର ମାସିକ ସାଧାରଣ ବୈଠକ

ରାୟଗଡ଼ା, ୨୪।୧(ସମିସ): ରାୟଗଡ଼ାର ପ୍ରେମ ପାହାଡ଼ ସ୍ଥିତ ୱାକର୍ସ କ୍ଲବ୍ କମ୍ୟୁନିଟି ହଲରେ କ୍ଲବ୍‌ର ମାସିକ ସାଧାରଣ ବୈଠକ ସଭାପତି ବ୍ରଜ ସୁନ୍ଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ସଭାପତିଙ୍କ ସମେତ ଅନେକ ସଭ୍ୟ ନେତାଜୀଙ୍କ ଶିକ୍ଷା, ଦୀକ୍ଷା, ଦେଶ ପ୍ରେମ, ତ୍ୟାଗ, ସାହସ ଇତ୍ୟାଦି ବିଷୟରେ ଭାଷଣ ଦେଇଥିଲେ । ତାପରେ କ୍ଲବ୍‌ର ମାସିକ ବୈଠକ ସମାପନ ହୋଇଥିଲା । ପରେ କ୍ଲବ୍‌ର ନୂତନ ଭାବେ ହୋଇଥିବା ୧୭ ଜଣ ଆଜୀବନ ସଭ୍ୟମାନଙ୍କୁ କ୍ଲବ୍‌ର ପିନ୍ ଲଗାଇ ସ୍ୱାଗତ କରାଯାଇଥିଲା । ଉକ୍ତ ପ୍ରବେଶ ଉତ୍ସବରେ ଟି.ଜୟରାମ, ଏରିଆ କୋ-ଅର୍ଡିନେଟର ଆର. ଶଙ୍କର ରାଓ, ବିରଜା ପ୍ରସାଦ ପାତ୍ର, ବସନ୍ତ କୁମାର ଉଲ୍ଲାକା, ଗଣେଶ୍ୱର ପଣ୍ଡା, ଇପିଲି ସର୍ବେଶ୍ୱର ରାଓ, ଭି. ଚିନା, କେ. ରାଜେଶ୍ୱର ରାଓ, ରାମକୃଷ୍ଣ ପାଲି, ନରେଶ କୁମାର କୁକ୍ରେଜା, ଲାବଣ୍ୟ ମୋହନ ପଟ୍ଟନାୟକ, ଓ୍ୱାକର ମଙ୍ଗଳ ମୂର୍ତ୍ତି ବେଉରିଆ, ଓ୍ୱାକର ଅମୂଲ୍ୟ ଚନ୍ଦ୍ର ଆଚାର୍ଯ୍ୟ, ଦିଲ୍ଲୀପ ବକ୍ସି ପାତ୍ର, ନାରିନ କୁମୁନ୍ଦନ, ବସନ୍ତ କୁମାର ପ୍ରଧାନ, ଲାଡି ସନ୍ତୋଷ କୁମାର ଓ ଲଲାଟେନ୍ଦୁ ଦାଶଙ୍କୁ ପିନ୍ ଲଗାଇ ସ୍ୱାଗତ କରି କ୍ଲବ୍‌ର ନିୟମ କାନୁନ ତଥା ସଭ୍ୟମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସୂଚନା ଦେବା ସଙ୍ଗେସଙ୍ଗେ ଆଜୀବନ ସଭ୍ୟ ରୂପେ ଗ୍ରହଣ କରିଥିଲେ । ଏହାପରେ କ୍ଲବ୍‌ର ସଭ୍ୟ ସୁଦର୍ଶନ ପାଢ଼ୀ ପରିବେଶ ସୁରକ୍ଷା, ଜଳ ସଂରକ୍ଷଣ, ବୃକ୍ଷ ରୋପଣ, ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାର ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସତ୍ୟବାଦୀ ପତି, ଆଞ୍ଚଳିକ ସଂଯୋଜକ କିଶୋର ପଣ୍ଡା, ଗଭର୍ଣ୍ଣର ପ୍ରତାପ ଚନ୍ଦ୍ର ବାଉରି ପ୍ରମୁଖ ଉପସ୍ଥିତ ଥିଲେ ।



## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବାଳିକା ଦିବସ

ଅମ୍ବାଦଳା, ୨୪।୧(ସମିସ)



ଜାତୀୟ ବାଳିକା ଦିବସ ଇଚ୍ଛାପୁର ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ବିଭିନ୍ନ ଚାର୍ଟ ପୋଷ୍ଟର ପ୍ରସ୍ତୁତି ପୂର୍ବକ ଏକ ପ୍ରଦର୍ଶନୀ ପ୍ରସ୍ତୁତ କରିଥିଲେ । ଯେଉଁଥିରେ ସେମାନେ ନିଜ ଦ୍ୱାରା ପ୍ରସ୍ତୁତ ଶିଶୁ କନ୍ୟା ବିବାହ, ଲିଙ୍ଗଗତ ବିଭେଦତାକୁ ନେଇ ନାନା ପ୍ରକାରର ପୋଷ୍ଟର ପ୍ରଦର୍ଶିତ କରିଥିଲେ । ଏହି ପ୍ରଦର୍ଶନୀରେ କିଶୋର କିଶୋରୀଙ୍କ ନିମନ୍ତେ ରହିଥିବା ଭବିଷ୍ୟତ ନିର୍ମାଣର କାର୍ଯ୍ୟପନ୍ଥା, ସେମାନଙ୍କର ଉଚିତ ଖାଦ୍ୟର ଗ୍ରହଣ, ପରିବେଶର ଉନ୍ନତିରେ ସେମାନଙ୍କର ଅବଦାନ ଓ ସାମାଜିକ ଗଣମାଧ୍ୟମ ଗୁଡିକର ସୁବ୍ୟବହାର ଓ କୁବ୍ୟବହାରର ଫଳାଫଳ ନେଇ ଚାର୍ଟ ଓ ପୋଷ୍ଟର ତିଆରି କରାଯାଇଥିଲା । ପ୍ରାୟ ୧୨ ଜଣ ଛାତ୍ରୀ ସହାୟକ ଶିକ୍ଷିକା ରିକି ସାହୁଙ୍କ ତତ୍ତ୍ୱାବଧାନେର ଶିଶୁବିବାହ ଉଚ୍ଛେଦ ନେଇ ଏକ ପଥ ପ୍ରାନ୍ତ ନାଟକ ପ୍ରସ୍ତୁତ କରିଥିଲେ । ସହକାରୀ ଶିକ୍ଷକ ସୁଶୀଲ କୁମାରୀ ସେନାପତି, ରାଜେଶ କୁମାର ବାଳସାମନ୍ତ ଏହି ପଥପ୍ରାନ୍ତ ନାଟକରେ ସାମିଲ ହୋଇ ଉତ୍କୃଷ୍ଟ କଳାର ପ୍ରଦର୍ଶନ କରିଥିଲେ । ଶିକ୍ଷକ ଅରବିନ୍ଦ ପୃଷ୍ଟି, ବଳଭଦ୍ର ପରୁଆ, ଉର୍ମିଳା ମାଝୀ, ଧନୁର୍ଜୟ ଶବର ସହଯୋଗ କରିଥିଲେ । ବିଜୁଳିବତୀ ବେହେରା ଓ ମଦନ ଯାକେଶିକା ଚିତ୍ରଉତ୍ତୋଳନରେ ସହଯୋଗ କରିଥିଲେ । ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅନ୍ୟ ସହ କର୍ମଚାରୀ ସହ ଜାନୁଆରୀ ୨୬ ପାଳନ ନିମନ୍ତେ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ ପୂର୍ବକ ଡାକବାଜିର ଆୟୋଜନ କରି ନାଟକକୁ ରୁଦ୍ଧିମନ୍ତ କରିପାରିଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ବେଣୁଧର ନାୟକ ମୁକୁଟ ପ୍ରସ୍ତୁତି ପୂର୍ବକ ନାଟକରେ ସମ୍ମିଳିତ ହୋଇ ନିଜ ନିର୍ଖୁଣ କଳାଶୈଳୀର ନିଦର୍ଶନ ପ୍ରଦାନ କରିଥିଲେ ।

# ମୁଖ୍ୟ ବିଚାପତି ହରିଶ୍ ଟଣ୍ଡନଙ୍କ ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ଓ ଡୁଡୁମା ପରିଦର୍ଶନ



**ଲମତାପୁଟ,୨୪।୧(ସମିସ):** ଭୁବନେଶ୍ୱରରୁ ଆସିଥିବା ଚିଫ୍ ଜଷ୍ଟିସ ହରିଶ୍ ଟଣ୍ଡନ ଆଜି କୋରାପୁଟ ଜିଲ୍ଲା ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରକଳ୍ପ ବୁଲି ଦେଖିଛନ୍ତି। ଏହି ଜଳ ବିଦ୍ୟୁତ ପ୍ରକଳ୍ପକୁ ଯିବା ଆସିବା ପାଇଁ ବ୍ୟବହାର ହେଉଥିବା ଉଇଞ୍ଚରେ ବସି ଜଳବିଦ୍ୟୁତ ପ୍ରକଳ୍ପକୁ ଯାଇଥିଲେ। ପ୍ରକଳ୍ପକୁ କିପରି ପାଣି ଆସୁଛି ଏବଂ କିପରି ବିଦ୍ୟୁତ ଉତ୍ପାଦନ ହେଉଛି ପ୍ରକଳ୍ପ କର୍ମଚାରୀମାନଙ୍କୁ ପଚାରି ବୁଝିଥିଲେ। ପ୍ରକଳ୍ପରେ ଥିବା ଟରଭାଇନ ଯନ୍ତ୍ରାଂସ କିପରି ମରାମତି କରାଯାଉଛି ଏବଂ କେତେ ମେଗାୱାଟ୍ସ ବିଦ୍ୟୁତ ଉତ୍ପାଦନ ହେଉଛି ପଚାରି ବୁଝିଥିଲେ। ପ୍ରକଳ୍ପ ପରିଦର୍ଶନ କରିବା ପରେ ଅନକାଡେଲିରେ ଥିବା ଭ୍ୟୁପଇଣ୍ଟରେ ରହି ଏହି ଅଞ୍ଚଳର ସବୁଜ ବନାନୀ ଜଙ୍ଗଲ ପାହାଡ଼କୁ ଦେଖିବା ସହ ଡୁଡୁମା ଜଳପ୍ରପାତର ସୌନ୍ଦର୍ଯ୍ୟକୁ ଉପଭୋଗ କରିଥିଲେ। ଦୀର୍ଘ ସାତ ଦଶନ୍ଧି ଧରି ଆନ୍ଧ୍ର ଓଡ଼ିଶା ମିଳିତ ଭାବେ ବିଦ୍ୟୁତ ପ୍ରକଳ୍ପକୁ ବହୁସୁନ୍ଦର ଭାବରେ ରକ୍ଷଣାବେକ୍ଷଣକୁ ନେଇ ପ୍ରଶଂସା କରିବା ସହ ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ମୋର ସ୍ମୃତି ହୋଇ ରହିବ ବୋଲି ଶ୍ରୀ ଟଣ୍ଡନ କହିଥିଲେ। ଏହି ସମୟରେ ମାଛକୁଣ୍ଡ ତହସିଲଦାର ଦିବାକର ବାଘ, ଲମତାପୁଟ ବିଡ଼ିଓ ଜୟନ୍ତ କୁମାର ମେହେର, ମାଛକୁଣ୍ଡ ଥାନା ଅଧିକାରୀ ମଧୁସୂଦନ ଭୋଇ ଉପସ୍ଥିତ ଥିଲେ।

## ଗଞ୍ଜେଇ ମାଫିଆଙ୍କ ଟାର୍ଗେଟରେ ଶିକ୍ଷିତ ଯୁବଗୋଷ୍ଠୀ

# ୨ ଦିନରେ ୨ ଗିରଫ ସହ କୋର୍ଟ ଚାଲାଣ

କୋରାପୁଟ, ୨୪।୧(ସମିସ)

ଗତ କିଛି ବର୍ଷ ହେଲା ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ରାଜ୍ୟ ଓ ରାଜ୍ୟ ବାହାରର ଶତାଧିକ ମହିଳା ଏବଂ ପୁରୁଷ ଗିରଫ ହୋଇଥିବା ବେଳେ ବର୍ତ୍ତମାନ ଗଞ୍ଜେଇ ମାଫିଆ ସେମାନଙ୍କ ଚୋରା ବ୍ୟବସାୟର ତରିକା ବଦଳେଇଛନ୍ତି। ପୁଲିସ ନଜରରୁ ଖସିବା ପାଇଁ ଗଞ୍ଜେଇ ବ୍ୟବସାୟୀ ନୂଆ ନୂଆ କୌଶଳ ଅବଲମ୍ବନ କରିବା ସହ କମ ପରିଶ୍ରମରେ ଅଧିକ ଅର୍ଥ ଉପାର୍ଜନ ପ୍ରଲୋଭନ ଦେଖାଇ ଚାଲାଣରେ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିୟୋଜିତ କରୁଛନ୍ତି। ଗତ ତିନି ମାସ ମଧ୍ୟରେ ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ପୁଲିସ, ଅବକାରୀ ବିଭାଗ ଏବଂ ରେଳବାଇ ପୁଲିସ ଦ୍ୱାରା କୋରାପୁଟ ଜିଲ୍ଲାରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଉଚ୍ଚ ଶିକ୍ଷିତ ଯୁବକଯୁବତୀ ଗିରଫ ହେଲେଣି। ଗତ ଦୁଇ ଦିନରେ କୋରାପୁଟ ଜିଲ୍ଲାରୁ ଦିଲ୍ଲୀ ଓ ଆନ୍ଧ୍ରକୁ ଗଞ୍ଜେଇ ଚୋରାଚାଲାଣ ବେଳେ ରେଲୱେ ପୁଲିସ ଦ୍ୱାରା ଦୁଇଜଣ ଗିରଫ ହୋଇଛନ୍ତି। ଶୁକ୍ରବାର ଜିଆରପି ପୁଲିସ ପ୍ଲାଟଫର୍ମରେ ପାଟ୍ରୋଲିଂ କରୁଥିବା ସମୟରେ ରାଉରକେଲା ଏକ୍ସପ୍ରେସ ଟ୍ରେନରୁ ଦିଲ୍ଲୀର ପୁନିତ କୁମାର ନାମକ ଜଣେ ଶିକ୍ଷିତ ଯୁବକକୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୧ କିଲୋ ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ସେହିପରି ଶନିବାର ଅପରାହ୍ନରେ କିରୁଣ୍ଡଲ ବିଶାଖାପାଟଣା ଟ୍ରେନରୁ ତେଲେଙ୍ଗାନାର ସାଇ କୁମାର ନାମକ ଜଣେ ଡିପ୍ଲୋମା ଛାତ୍ରକୁ ଗିରଫ କରି ତାଙ୍କ ନିକଟରୁ ୨ କିଲୋରୁ କିଲୋ ଗଞ୍ଜେଇ ଜବତ କରିଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜିଆରପି ଥାନା ଓଆଇସି ସନ୍ତୋଶୀ ମହନ୍ତ ସୂଚନା ଦେଇଛନ୍ତି।



## ୨ ଗଞ୍ଜେଇ ଚାଲାଣକାରୀ ଗିରଫ

**ପଟ୍ଟାଙ୍ଗି, ୨୪।୧(ସମିସ):** କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ପୁଲିସ କର୍ଣ୍ଣାଟକ ରାଜ୍ୟର ଦୁଇ ଜଣ ଅଭିଯୁକ୍ତ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଧରିବାରେ ସଫଳ ହୋଇଛି। ତାଙ୍କଠାରୁ ୧୦୦ କେଜି ୫୦୦ ଗ୍ରାମ ଗଞ୍ଜେଇ, ଗୋଟିଏ ଇଣ୍ଡିଗୋ କାର ଏବଂ ଦୁଇଗୋଟି ମୋବାଇଲ ଜବତ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ଥାନା ଅଧିକାରୀ ପ୍ରଭାତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ସମୟରେ ପଟ୍ଟାଙ୍ଗି ସହର ନିକଟ ୨୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ହନୁମାନ ମନ୍ଦିର ନିକଟରେ ଗାଡ଼ି ଯାଞ୍ଚ କରାଯାଉଥିଲା। ଉକ୍ତ ଯାଞ୍ଚ ସମୟରେ ଏସ୍ଆଇ ହିମାଂଶୁ ବେନିଆ ଏବଂ ଅନ୍ୟ କର୍ମଚାରୀ ତଥା ଘେନୁ ଖିଲ, ମନ୍ଦର ଗୌଡ଼, ଅପର୍ଣ୍ଣା ଚପାଡ଼ି, ବିଜୟ କୁମାର ଧଳ, ରମାକାନ୍ତ ମିଶ୍ର, ସାଇମନ୍ ଜୋସପିନ୍ ଖିଲୋ ଉପସ୍ଥିତ ରହିଥିଲେ। ଉକ୍ତ ସମୟରେ ଏକ ନମ୍ବର ବିହୀନ ଇଣ୍ଡିଗୋ କାର ଆସିବା ଦେଖି ତାକୁ ପୋଲିସ ଅଟକାଇ ଯାଞ୍ଚ କରିଥିଲେ। ସେଥିରୁ ୫ ଗୋଟି ଜରି ବ୍ୟାଗରୁ ଗଞ୍ଜେଇ ମିଳିଥିଲା। ପୁଲିସ ଅଭିଯୁକ୍ତଙ୍କୁ ଅଟକ ରଖିବା ସହ ସମସ୍ତ ସାମଗ୍ରୀକୁ ଜବତ କରିଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ କର୍ଣ୍ଣାଟକ ରାଜ୍ୟର ଉଦୟ କିରଣ ଆର ଓ ମହମ୍ମଦ ଆକ୍ରାମଙ୍କୁ ପୁଲିସ କେଶ ନଂ ୨୨/୨୬ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସେମାନେ ଗଞ୍ଜେଇଗୁଡ଼ିକୁ ପାଡୁଆ ନିକଟବର୍ତ୍ତୀ ସ୍ଥାନୀୟ ଚାଷୀମାନଙ୍କଠାରୁ ସଂଗ୍ରହ କରି ବେଆଇନ ଭାବରେ କର୍ଣ୍ଣାଟକ ରାଜ୍ୟକୁ ବିକ୍ରି କରିବା ପାଇଁ ପରିବହନ କରୁଥିବା ନେଇ ପୁଲିସ ସୂଚନା ଦେଇଛି।



## ଆଜି କୋରାପୁଟ ଆସିବେ ଉପମୁଖ୍ୟମନ୍ତ୍ରୀ

**କୋରାପୁଟ, ୨୪।୧(ସମିସ):** ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରବିବାର କୋରାପୁଟ ଜିଲ୍ଲା ଗସ୍ତରେ ଆସିବେ। ପୂର୍ବାହ୍ନ ୧୦ଟାରେ ସେ ଜୟପୁର ବିମାନ ବନ୍ଦରରେ ପହଞ୍ଚି, ସେଠାରୁ ଲମତାପୁଟ ବ୍ଲକ ଗସ୍ତ କରିବେ। ଲମତାପୁଟ ବ୍ଲକରେ ଏକ ସବ୍‌ଷ୍ଟେସନ ଉଦ୍‌ଘାଟନ କରି ସୁନାବେଡ଼ା ହାଲ ଗେଷ୍ଟ ହାଉସ ଅଭିମୁଖେ ଯାତ୍ରା କରିବେ। ହାଲ ଗେଷ୍ଟ ହାଉସରେ ମଧ୍ୟାହ୍ନ ଭୋଜନ ପରେ ସେମିଲିଗୁଡା ବ୍ଲକର ରାଜୁପୁଟ ସ୍ଥିତ ମିଲେଟ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିବେ। ପରବର୍ତ୍ତୀ ସମୟରେ କନକ ବର୍ଦ୍ଧନ କୋଟିଆ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ କଫି ଚାଷୀମାନଙ୍କୁ ହିତାଧିକାରୀ ପ୍ରମାଣପତ୍ର ବଣ୍ଟନ କରିବେ ବୋଲି ଜଣାପଡ଼ିଛି। ସନ୍ଧ୍ୟାରେ କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସରେ ରାତ୍ରି ଯାପନ କରି ସୋମବାର ସକାଳେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ଏହା ବ୍ୟତୀତ ଶ୍ରୀ ସିଂଦେଓ ମଣ୍ଡଳ କାରାଗାର, କୋରାପୁଟ ମେଡିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି। ସେହିଦିନ ଅପରାହ୍ନରେ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

## ରେଭେନ୍ୟୁ ପ୍ରିମିୟର ଲିଗ୍ ଦ୍ୱିତୀୟ ଦିବସ

**ନବରଙ୍ଗପୁର ୨୪।୧(ସମିସ):** ନନାରଙ୍ଗପୁର ଜିଲା ଉମରକୋଟ ବିଜୁ ପଟନାୟକ ଷ୍ଟାଡିୟମ ଠାରେ ଚାଲିଥିବା ରେଭେନ୍ୟୁ ପ୍ରିମିୟର ଲିଗ୍‌ର ଶନିବାର ଦ୍ୱିତୀୟ ଦିନରେ ଚାରୋଟି ଟିମ ଖେଳାଯାଇଥିଲା। ଜାନୁଆରୀ ୨୩ ରୁ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ରିକେଟ୍ ପ୍ରତିଯୋଗିତାରେ ଜିଲାର ବିଭିନ୍ନ ତହସିଲ, ଉପଜିଲାପାଳ ଓ ଜିଲାପାଳ କାର୍ଯ୍ୟାଳୟର ଅଧିକାରୀମାନେ ଟିମ୍‌ରେ ଅଂଶଗ୍ରହଣ କରିଛନ୍ତି। ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ ରାଇଘର ଇଲେଭେନ ବନାମ ଝରିଗାଁ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝରିଗାଁ ପ୍ରଥମ ବ୍ୟାଟିଂ କରି ୧୫ ଓଭରରେ ୧୦୯ ରନ୍ କରିଥିଲେ। ଜବାବରେ ରାଇଘର ୧୪ ଓଭରରେ ୧୧୦ କରିବା ସହ ବିଜୟ ଲାଭ କରିଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚରେ ଉମରକୋଟ ଇଲେଭେନ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୪୫ ରନ କରିଥିଲେ। ଜବାବରେ ଏସ୍‌ଡିଏମ୍ ଇଲେଭେନ ୧୫ ଓଭରରେ ୧୪୩ ରନ କରିଥିଲେ। ଫଳରେ ଉମରକୋଟ ଇଲେଭେନ ୨ ରନରେ ବିଜୟ ଲାଭ କରିଥିଲା। ଏସ୍‌ଡିଏମ୍ ଦଳରେ ସବକଲେକ୍ଟର ପ୍ରକାଶ ମିଶ୍ର ବ୍ୟକ୍ତିଗତ ସ୍କୋର ୪୬ ଓ ତହସିଲଦାର ମେଗବାନ ବାଗ ବ୍ୟକ୍ତିଗତ ସ୍କୋର ୩୩ କରିଥିଲେ। ଫାଇନାଲ ମ୍ୟାଚ୍ ନବରଙ୍ଗପୁର ଷ୍ଟାଡିୟମ୍‌ରେ ଖେଳାଯିବ। ବିଜେତା ଦଳକୁ ୧୦, ୦୦୦ ଟଙ୍କା, ଉପବିଜେତାକୁ ୫, ୦୦୦ ଟଙ୍କା ଏବଂ ସିରିଜର ସର୍ବୋତ୍ତମ ଖେଳାଳିକୁ ୧, ୦୦୦ ଟଙ୍କା ପୁରସ୍କାର ରଖାଯାଇଛି। ଏହି ଆୟୋଜନ ନବରଙ୍ଗପୁର ରେଭେନ୍ୟୁ ଅଧିକାରୀମାନଙ୍କ ଦ୍ୱାରା କରାଯାଇଛି।

# ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ବୈଠକ



**କୋରାପୁଟ, ୨୪।୧(ସମିସ):** ସ୍ଥାନୀୟ ଟାଉନ ହଲଠାରେ ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ, କୋରାପୁଟ ଜିଲ୍ଲା ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା। ସରକାରୀ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ, ନୂତନ ଟେଣ୍ଡର ପ୍ରକ୍ରିୟାରେ ନୂତନ ପିଲା ନେବାକୁ ବନ୍ଦ କରିବା, ଯେଉଁ କର୍ମଚାରୀମାନଙ୍କୁ କାର୍ଯ୍ୟରୁ ଛଟେଇ କରାଯାଇଛି ସେମାନଙ୍କୁ ପୁନଃ ଚାକିରୀରେ ନିଯୁକ୍ତି କରିବା ଭଳି ଦାବି ରହିଥିଲା। ଏ ସବୁ ଦାବି ନେଇ ପୂର୍ବରୁ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ହୋଇଥିଲା, କିନ୍ତୁ କୌଣସି ସୁଫଳ ମିଳିପାରିନାହିଁ। ଏଥର ଯଦି ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। ଏହି ବୈଠକରେ ପ୍ରଭାତ ମହାନ୍ତି, ଦୀପକ ପାଣି, ସୁକାନ୍ତ କୁମାର ସାହୁ, ମନୋଜ ପଟ୍ଟନାୟକ, ସନ୍ତୋଷ ପଟ୍ଟନାୟକଙ୍କ ସମେତ ଜିଲ୍ଲାର ପ୍ରାୟ ୫୦୦ ରୁ ଊର୍ଦ୍ଧ୍ୱର୍ ସରକାରୀ ଆଉଟସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

## ୭ ଦିନିଆ ଶ୍ରୀମଦ୍ ଭାଗବତ କଥାମୃତ

**ଉମରକୋଟ, ୨୪।୧(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ଦୁର୍ଗା ବାହିନୀ, ମାତୃଶକ୍ତିଙ୍କ ପ୍ରଚେଷ୍ଟାରେ ସପ୍ତଦିବସୀୟ ଶ୍ରୀମତ ଭାଗବତ କଥାମୃତ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଥୁରା ବୃନ୍ଦାବନରୁ ଆସିଥିବା ଆଚାର୍ଯ୍ୟ ଅଭିଷେକ ପାଠକ ଜୀ ମହାରାଜଙ୍କ ଦ୍ୱାରା ପ୍ରବଚକଙ୍କ ବାଣୀ ଶୁଣିବାକୁ ପ୍ରଥମ ଦିନରେରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରକାଶ ଯେ, ଏହି ଭାଗବତ ପାଠ କାର୍ଯ୍ୟକ୍ରମ ୭ ଦିନ ଧରି ଚାଲିବ।



## ‘ସୌଦାମିନୀ’ ଉନ୍ମୋଚିତ

**ଜୟପୁର, ୨୪।୧(ସମିସ) :** ଜୟପୁର ସହରରେ ନୂତନ ଭାବେ ପ୍ରକାଶିତ ହୋଇଛି ମାସିକ ସମ୍ବାଦ ପତ୍ରିକା ‘ସୌଦାମିନୀ’। ଗତ ଶୁକ୍ରବାର ଜୟପୁରରୁ ପ୍ରକାଶ ପାଇଥିବା ମାସିକ କ୍ଷୁଦ୍ରପତ୍ରିକାର ଶୁଭ ଉନ୍ମୋଚନ ଉତ୍ସବ ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପତ୍ରିକାର ସମ୍ପାଦକ ସନ୍ତୋଷ କୁମାର ପାତ୍ର ପ୍ରକାଶନ ସମ୍ପର୍କରେ ଆଲୋକପାତ କରିଥିଲେ। ଆୟୋଜିତ ଏହି ପତ୍ରିକା ଉନ୍ମୋଚନ ଉତ୍ସବରେ ସୌଦାମିନୀ ପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ, ସ୍ୱତନ୍ତ୍ର ଅତିଥି ରାଜେନ୍ଦ୍ର କୁମାର ଗୌଡ, ସମ୍ମାନିତ ଅତିଥି ଭାବେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ରାଜ୍ୟ ସଭାପତି ଚନ୍ଦ୍ରକାନ୍ତ ସୁତାର, ସମ୍ମାନୀତ ଅତିଥି ଶ୍ରମିକ ନେତା ବାଲା ରାୟ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ। କବି ତଥା ଗାଳ୍ପିକ କୃଷ୍ଣଚନ୍ଦ୍ର ହୋତା କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଡ.ସୁଧାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ମଧୁସୂଦନ ପାତ୍ର, ସିମାଦ୍ରୀ ଶ୍ରୀନିବାସ, ଦିଲୀପ କୁମାର ଦାସ, ସାନମୁଖ ଶ୍ରୀନୁ ପଟ୍ଟନାୟକ, ଚିତ୍ତଞ୍ଜନ ଚୌଧୁରୀ, ରବି ନାୟକଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ରାଉଳ, ଚନ୍ଦ୍ରମଣି ବାରିକ, ମୀନକେତନ ସାହୁ, ରବୀନ୍ଦ୍ର ମହାପାତ୍ର, ପରମେଶ୍ୱର ପାତ୍ର, ସୁଶାନ୍ତ କୁମାର ପାତ୍ର, ପ୍ରଶାନ୍ତ କୁମାର ପାତ୍ର, ପ୍ରଦୀପ ରାଉତ ଓ ସହରର ବହୁ ବୁଦ୍ଧିଜୀବୀ ଓ ଶୁଭେଚ୍ଛୁ ବୃନ୍ଦ ଯୋଗ ଦେଇ ପତ୍ରିକା ଆଗାମୀ ଦିନରେ ଲୋକଙ୍କ ସେବା କରିବ ବୋଲି ଆଶା ପ୍ରକାଶ କରିଥିଲେ।



# ଶିକ୍ଷାର ପୁନଃକଳ୍ପନା ସମ୍ପର୍କିତ ଜାତୀୟ ସେମିନାର

**କୋରାପୁଟ, ୨୪।୧(ସମିସ):** ଲାଣ୍ଡିଗୁଡ଼ାସ୍ଥିତ ସରକାରୀ ଡିଏଭି କଲେଜ ସଭାଗୃହଠାରେ ଦୁଇ ଦିନିଆ ଜାତୀୟ ସେମିନାର ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ ପରିପେକ୍ଷୀରେ ବିକଶିତ ଭାରତ-୨୦୪୭ ପାଇଁ ଶିକ୍ଷାର ପୁନଃକଳ୍ପନା ସମ୍ପର୍କିତ ଦୁଇ ଦିନିଆ ଜାତୀୟ ସେମିନାର ଆୟୋଜନ କରାଯାଉଛି। ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ଡିଏଭି କଲେଜର ମିଳିତ ଆନୁକୂଲ୍ୟରେ ଆୟୋଜିତ ସେମିନାରରେ ବିଲାସପୁର ଜିଜି ବିଶ୍ୱବିଦ୍ୟାଳୟର ଶିକ୍ଷା ସ୍ନାତକୋତ୍ତର ବିଭାଗର ମୁଖ୍ୟ ପ୍ରଫେସର ସମ୍ବିତ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଭାରତୀୟ ଜ୍ଞାନ ପରମ୍ପରା, ମୂଲ୍ୟାଧାରିତ ଶିକ୍ଷା ଓ ବହୁଭାଷୀକ ଶିକ୍ଷା ପ୍ରଣାଳୀକୁ ଜାତୀୟ ଶିକ୍ଷା ନୀତି ୨୦୨୦ ସହ ଏକତ୍ର କରିବାର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦ ରେ ପରିକଳ୍ପିତ ଶିକ୍ଷା ସଂସ୍କାରଗୁଡ଼ିକ ଉପରେ ଗଭୀର ଶାସ୍ତ୍ରୀୟ ଆଲୋଚନା କରିବା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ ଭାବେ ଗଢ଼ି ତୋଳିବାରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ÷ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଓଡ଼ିଶା ସ୍କୁଲ୍ ଶିକ୍ଷା ପାଠ୍ୟକ୍ରମ ଢାଞ୍ଚା୨୦୨୫ର ଅଧ୍ୟକ୍ଷ, ପ୍ରଫେସର ଡା. ନିତ୍ୟାନନ୍ଦ ପ୍ରଧାନ ଉପସ୍ଥିତ ରହି ଜାତୀୟ ଶିକ୍ଷା ନୀତି ୨୦୨୦ ର କାର୍ଯ୍ୟକାରୀ ରୂପାୟନ, ପାଠ୍ୟକ୍ରମ ପୁନର୍ଗଠନ, ଦକ୍ଷତାଭିତ୍ତିକ ଓ ଛାତ୍ରକେନ୍ଦ୍ରିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସରକାରୀ ଡିଏଭି କଲେଜ, କୋରାପୁଟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ଓ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ କୋରାପୁଟର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲତିକା କୁମାରୀ ମିଶ୍ରଙ୍କ ମାର୍ଗଦର୍ଶନରେ ପରିଚାଳିତ ସେମିନାରରେ ବିଭିନ୍ନ ପ୍ରାୟୋଗିକ ଛତ୍ରରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ବିଦ୍ୱାନ, ଶିକ୍ଷାବିତ୍, ଗବେଷକ ଓ ଅଧ୍ୟାପକମାନେ ଜାତୀୟ ଶିକ୍ଷା ନୀତି ୨୦୨୦ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଗବେଷଣା ପତ୍ର ପ୍ରସ୍ତୁତ କରିଥିଲେ। ଶେଷରେ ଶିକ୍ଷା ସ୍ନାତକୋତ୍ତର ବିଭାଗର ମୁଖ୍ୟ କୋବିଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



## ନାରାୟଣପାଟଣାରେ ହିନ୍ଦୁ ସମ୍ମିଳନୀ

# କଳସ ଯାତ୍ରାରେ ସାମିଲ ହେଲେ ୧୫୦୦ରୁ ଊର୍ଦ୍ଧ୍ୱ ମହିଳା

ନାରାୟଣପାଟଣା, ୨୪।୧(ସମିସ)

ଆର୍‌ଏସ୍‌ଏସ୍‌ର ଶହେ ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ଓ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗାୟତ୍ରୀ ଯଜ୍ଞ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର ସୁରଥ ଡାକୁଆ, ଦୟାନିଧି ପ୍ରଧାନ, ରମେଶ ଦାସ, ରମେଶ କୈଶଲ୍ୟା, କୈଳାସ ନାୟକ, କେ. ଅନନ୍ତ ରାଓ, ହବିକା ରବି, ଶରତ ମାଲାକାର, ହିରୋ ପ୍ରଧାନ, ପର୍ଶୁରାମ ତାଡିଙ୍ଗି, ବାୟା ମହାନନ୍ଦିଆ, ମଲିକ ସାର୍, ଶ୍ରୀବତ୍ସ ମହାନ୍ତି, ଲୁଲୁ ଅନାରସିହ, ସୀମାଚଳ ପଣ୍ଡା, ଲେମ୍ବୁ ଫୁଲବଶ, ପ୍ରତାପ ରଥ, କୁନୁପିଲି ସୁରେନ୍ଦ୍ର, କେ. ଦେବୀ ପ୍ରସାଦ, ଏନ ବିନୋଦ, ଅଶୋକ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ସମାବେଶ ଆୟୋଜନ କରାଯାଇଥିଲା। ବ୍ଲକର ୯ ଗୋଟି ପଞ୍ଚାୟତ ସମେତ ପଡୋଶୀ ପାଖାପାଖି ୭ ହଜାରରୁ ଊର୍ଦ୍ଧ୍ୱ ହିନ୍ଦୁ ଭାଇ ଭଉଣୀ ଯୋଗ ଦେଇ ଏହି ସମାବେଶକୁ ସଫଳ କରିଥିଲେ। ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ସକାଳୁ ସ୍ଥାନୀୟ ବାବା ଝାଡେଶ୍ୱର ମନ୍ଦିର ନିକଟ ଝଞ୍ଜାବତୀ ନଦୀ କୂଳରୁ କଳସରେ ପାଣି ଧରି ହଳଦୀ ଶାଢ଼ୀ ଧୋତି ପରିଧାନ କରି କଳସ ଯାତ୍ରା କରି ସହର ପରିକ୍ରମା କରିଥିଲେ ହଜାର ହଜାର ହିନ୍ଦୁ ସମର୍ଥକ। ଶତାଧିକ ହିନ୍ଦୁ ଭାଇ ମୋଟରସାଇକେଲରେ ସହର ପରିକ୍ରମା କରିଥିଲେ। ହାଇସ୍କୁଲ ପଡ଼ିଆରେ ଆୟୋଜିତ ଯଜ୍ଞ ଉତ୍ସବରେ ପହଞ୍ଚିବା ପରେ ପୁରୀ ସ୍ଥିତ ସ୍ୱାମୀ ଅଖଣ୍ଡା ନନ୍ଦ ପୁରୀ ଜୀ ମହାରାଜାଙ୍କ ଆଶିର୍ବଚନ ବାଣୀ ଶୁଣିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ କାର୍ଯ୍ୟ ବାହକ ଉଦିତ ନାରାୟଣ ରାଚମାଲା, ମୁଖ୍ୟବକ୍ତା ଭାବେ ସହପ୍ରାନ୍ତ କାର୍ଯ୍ୟବାହ ଓଡ଼ିଶା ପଶ୍ଚିମ ପ୍ରାନ୍ତର ହରିଶ ଚନ୍ଦ୍ର ପରିଡ଼ା ସନାତନ ଧର୍ମ ବିଷୟ ବସ୍ତୁ ଉପରେ ବହୁ ବାଣୀ ଶୁଣାଇଥିଲେ। ବନ୍ଧୁଗାଁ ବ୍ଲକ ଭାଗବତ ଟୁଙ୍ଗି ସଭାପତି ରାଜ କୁମାର ସାରଥୀ କୁଇ ଭାଷାରେ ଆଦିବାସୀ ଗାଁ ମାନଙ୍କରେ ପଥର ଦେବତାଙ୍କୁ ପୂର୍ବ ପୁରୁଷ ପୂଜା କରି ସନାତନ ଧର୍ମକୁ ବଞ୍ଚାଇ ରଖିଛନ୍ତି, ତାହା ବର୍ତ୍ତମାନ ବିପଦରେ। ତାକୁ ବଞ୍ଚେଇ ରଖିଲେ ସନାତନ ଧର୍ମ ବଞ୍ଚି ରହିବ ବୋଲି କହିଥିଲେ। ବିଡିଓ ବିକ୍ରମ ଦୋରାଙ୍କୁ ବାବା ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏଥିସହ ୪୦ ରୁ ଅଧିକ ଆଦିବାସୀ ଗାଁର ପୁଜକ ତଥା ବେଜୁଣୀଙ୍କୁ ଉପଢ଼ୌକନ ଦେଇ ସମ୍ମାନୀତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ନାରାୟଣପାଟଣା ହିନ୍ଦୁ ଜାଗରଣ ମଞ୍ଚ ଶତାଧିକ କର୍ମକର୍ତ୍ତା, ଦୁର୍ଗା ବାହାନୀର ୩୦୦ ରୁ ଅଧିକ ମହିଳା, ଗାୟତ୍ରୀ ପରିବାର ସଦସ୍ୟ, କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏସ୍‌ଡିପିଓ ମନୋଜ ବେହେରାଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖାଯାଇଥିଲା।



## ଜିଲ୍ଲା ପାଇଁ ଗୌରବ ଆଣିଲେ ଜି. ଚୈତନ୍ୟ

● କୁଇଜ ପ୍ରତିଯୋଗିତାରେ ରାଜ୍ୟରେ ତୃତୀୟ

**କାକିରିଗୁମା, ୨୪।୧(ସମିସ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଗୌଡଗୁଡା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଜି. ଚୈତନ୍ୟ ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଜଳ ସମ୍ପଦ ବିଭାଗ ତରଫରୁ ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୟ କୁଇଜ୍ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି ତୃତୀୟ ସ୍ଥାନ ହାସଲ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ପୁରସ୍କୃତ କରିଛନ୍ତି। ପୂର୍ବରୁ ଜି. ଚୈତନ୍ୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ବ୍ଲକ ଏବଂ ଜିଲ୍ଲାସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ଜି. ଚୈତନ୍ୟଙ୍କ ପିତା ଗିଲିପୁଟ ଉନ୍ନତି ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଜି. ଚୈତନ୍ୟ ଏହି ସଫଳତା ହାସଲ ପାଇଁ ପରିବାର ବର୍ଗ ଅବଦାନ ରହିଥିବା ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ ଅଞ୍ଚଳବାସୀଙ୍କ ଠାରୁ ପ୍ରଶଂସାର ସୁଅ ଛୁଟୁଛି। ଏହି ସଫଳତା ଅନେକ ଛାତ୍ରଛାତ୍ରୀଙ୍କୁ ପାଇଁ ପ୍ରେରଣା ଯୋଗାଇବ ବୋଲି ଚର୍ଚ୍ଚା ହେଉଛି।



